# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୦୮.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

**ଉପସ୍ଥିତ ସଭ୍ୟ/ସଭ୍ୟା :-**

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପର୍ସନ୍,
୨. ଶ୍ରୀ ବିଜୟ ଅମୃତା କୁଲାଙ୍ଗେ, ଆଇ.ଏ.ଏସ୍, ମ୍ୟୁନିସିପାଲ୍ କମିଶନର,
୩. ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ସଭ୍ୟା
୪. ଶ୍ରୀମତୀ କେ. ଶାନ୍ତି, ସଭ୍ୟା
୫. ଶ୍ରୀମତୀ ଭାରତୀ ସିଂ
୬. ଶ୍ରୀ ବିରଂଚି ନାରାୟଣ ମହାସୁପକାର,
ଚେୟାର୍‌ମ୍ୟାନ୍, ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି
୭. ଶ୍ରୀ ଅମରେଶ ଜେନା,
ଚେୟାର୍‌ମ୍ୟାନ୍, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି

ଅଦ୍ୟ ତା ୨୧.୦୮.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1. | Constn. of RCC box drain with Road from Mahadev Nagar Chhaka to Gangua Bridge in Ward No.-32 File No.- XXXXXV-(D)-282/2022 | Rs.2,90,67,818/- | Rs.3,04,92,140/- | Krushna Ch. Mohanty | 4.90 |

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(c) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ଗ୍ରହଣ/ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ/ବୈଦ୍ୟୁତିକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Providing paver block in conservancy lane at Saheednagar | Rs.1,34,03,439/- | Rs.1,20,64,436/- | Chinmaya Prasanna Bhuyan | 9.99 |

| | | | | | |
|---|---|---|---|---|---|
| | in Cluster No.-3(Lane No.-37 to Lane No.-50)<br>in Ward No.-30<br>File No.- XXIX-II-1403/2022 | | | | |
| 2. | Providing paver block in conservancy lane at Satyanagar & Press Colony area (Lane No.-1 to Lane No.-13)<br>in Ward No.-34<br>File No.- XXIX-II-1405/2022 | Rs.1,40,64,396/- | Rs.1,19,56,143/- | Ashit Ku. Pattnaik | 14.99 |

ନିର୍ଦ୍ଧାରଣ-୨. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ- ୧ ଓ ୨ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(b) ତା ୨୨.୦୫.୨୦୧୮ ରିଖ-ତଥା-OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରକାଶଥାଉକି, ଯେଉଁ ଠିକାଦାର ମାନେ ଚୁକ୍ତିପତ୍ର ସର୍ତ୍ତ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନକରିବେ ସେମାନଙ୍କୁ ଭୁବନେଶ୍ୱର ମହାନଗର ନିଗମ ଟେଣ୍ଡରରେ ଭାଗ ନେବାପାଇଁ ବାରଣ (Debar) କରାଯିବା ସହିତ ତାଙ୍କୁ କଳା ତାଲିକାଭୁକ୍ତ (Black list) କରିବା ପାଇଁ ଲାଇସେନ୍ସ ପ୍ରଦାନକାରୀ ଅଧିକାରୀଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା ।

ପ୍ରସ୍ତାବ-୩. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୩(୧). ଭୁବନେଶ୍ୱର ମହାନଗର ନିଗମ ପ୍ଲାନିଂ ଉପବିଭାଗ ଦ୍ୱାରା ଗୃହ ନକ୍ସା ଅନୁମୋଦନ ପାଇଁ ପ୍ରତି ମାସରେ କେତେ ଆବେଦନ ଗ୍ରହଣ ହେଉଅଛି ସେଥି ମଧ୍ୟରୁ କେତେ ଆବେଦନ ଅନୁମୋଦନ ହେଉଅଛି, କେତେ ନାକଚ ହେଉଅଛି ତାହାର ତଥ୍ୟ ପ୍ରତି ମାସ କର୍ପୋରେସନ ବୈଠକରେ ଉପସ୍ଥାପନ କରିବା ପାଇଁ ନଗର ପ୍ଲାନରଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୩(୨). ଗୋଟିଏ ମାସ ପର୍ଯ୍ୟନ୍ତ ସଫା ଆପ୍‌ରେ ଯେଉଁମାନେ ଅଭିଯୋଗ କରିବେ ସେମାନଙ୍କ ଠାରୁ ଅର୍ଥ ଆଦାୟ ନକରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା ।

ନିର୍ଦ୍ଧାରଣ-୩(୩). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ମୃତ ପଶୁପକ୍ଷୀଙ୍କ ଶରୀର ଉଠାଇବା ପାଇଁ ପ୍ରତି ଜୋନ୍‌ରେ ଗୋଟିଏ ଲେଖାଏଁ ଗାଡ଼ି ରଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା ।

ନିର୍ଦ୍ଧାରଣ-୩(୪). ଭୁବନେଶ୍ୱର ମହାନଗର ନିଗମାଂଚଳ ରାସ୍ତାଲୋକ ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟ ଠିକା ନେଇଥିବା ନିଭି ଏନର୍ଜି ଏବଂ ଇ-ସ୍ମାର୍ଟ ଠିକ୍ ସମୟରେ ସଠିକ୍ ଭାବରେ ମରାମତି କରୁନାହାଁନ୍ତି । କେତେକ ସ୍ଥାନରେ ଗଛଡ଼ାଳ ମଧ୍ୟରେ ଷ୍ଟ୍ରିଟ୍ ଲାଇଟ୍ ରହିଯାଉଥିବାରୁ ରାସ୍ତା ଉପରେ ଆଲୋକ ପଡୁନାହିଁ, ତେଣୁ ନିଗମର ତିନି ଲ୍ୟାଡ଼ର୍ ଗାଡ଼ି ଦିନରାତି ରାସ୍ତା ଉପରକୁ ମାଡ଼ିଥିବା ଗଛଡ଼ାଳ କାଟିବା ପାଇଁ ଏବଂ ଲାଇଟ୍ ମରାମତି କରିବା ପାଇଁ ଆବଶ୍ୟକ ହେଉଥିବା ସରଞ୍ଜାମ କ୍ରୟ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା ।

ନିର୍ଦ୍ଧାରଣ-୩(୫). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଆଦାୟ ହେଉଥିବା ସମସ୍ତ ପ୍ରକାର ଜୋରିମାନା POS ମେସିନ୍ ଦ୍ୱାରା ସେପ୍ଟେମ୍ବର-୧ ତାରିଖ ଠାରୁ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ସୁଲୋଚନା ଦାସ
ସଭାପତି
ତା ୨୧.୦୮.୨୦୨୩ ରିଖ